# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30th May - 2025

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ଶିଶୁର ଅଭିବୃଦ୍ଧି ପାଇଁ ସୁରକ୍ଷିତ ପାରିବାରିକ ପରିବେଶର ଆବଶ୍ୟକତା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି, କହିଲେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ସିକ୍କିମ୍ ତିସ୍ତା ନଦୀ ଦୁର୍ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ଧାର କାର୍ଯ୍ୟରେ ସହଯୋଗ
- କାମାକ୍ଷା ନଗରର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେପିର ପ୍ରଥମ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ପରଲୋକ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ସମ୍ଭାବନା

## ପ୍ରଭାତୀ ପରିଡା

ପ୍ରତ୍ୟେକ ଶିଶୁର ଅଭିବୃଦ୍ଧି ପାଇଁ ଏକ ସୁରକ୍ଷିତ ଏବଂ ପୋଷଣକାରୀ ପାରିବାରିକ ପରିବେଶର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। **ପୁରୀ**ଠାରେ ଆଜି ଦୁଇଦିନିଆ ଜାତୀୟ ପୋଷ୍ୟସନ୍ତାନ ଗ୍ରହଣ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀମତୀ ପରିଡା କହିଛନ୍ତି, ପ୍ରତ୍ୟେକ ଶିଶୁ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ଉନ୍ମେଷ ସମାଜକୁ ସମୃଦ୍ଧ ଓ ଶୃଙ୍ଖଳିତ କରିପାରିବ। ଚିନ୍ତା, ଚେତନା, ଶିକ୍ଷା ଓ ପ୍ରତିବଦ୍ଧତାକୁ ପୁନଃ ନିର୍ମାଣ କରିବା ପାଇଁ ଆଜି ଏହି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ପୋଷ୍ୟସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ସୁଗମ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ସୂଚନାଯୋଗ୍ୟ, ଏହି ସମ୍ମିଳନୀ କେନ୍ଦ୍ର ପୋଷ୍ୟସନ୍ତାନ ସମ୍ବଳ ସଂସ୍ଥା, ୟୁନିସେଫ ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଫଳ ପୋଷ୍ୟସନ୍ତାନ ଗ୍ରହଣକାରୀଙ୍କ କାହାଣୀକୁ ନେଇ 'ଷ୍ଟୋରୀଜ୍ ଅଫ୍ ହୋପ୍ ଆଣ୍ଡ୍ ହିଲିଂ' ନାମରେ ଏକ କଫି ଟେବୁଲ୍ ବୁକ୍‌ର ଉନ୍ମୋଚନ କରାଯାଇଛି।

## ସିକ୍କିମ୍ ଦୁର୍ଘଟଣା

ସିକ୍କିମ୍‌ର ତିସ୍ତା ନଦୀରେ ପର୍ଯ୍ୟଟକ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡିବାରୁ କେତେକ ଓଡ଼ିଆ ଯାତ୍ରୀ ନିଖୋଜ ଥିବା ଜଣାପଡିଛି। ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ

କରିଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ଓଡ଼ିଆ ଯାତ୍ରୀମାନଙ୍କର ଉଦ୍ଧାର, ଚିକିତ୍ସା ଏବଂ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ରାଜ୍ୟ ପରିବହନ ବିଭାଗର ଅତିରିକ୍ତ କମିଶନର ଓ ଯୁଗ୍ମ କମିଶନରଙ୍କ ସମେତ ଏକ ସ୍ୱତନ୍ତ୍ର ଦଳ ସିକ୍କିମ ଗସ୍ତ କରିଛନ୍ତି। ଘଟଣାକୁ ନେଇ ସିକ୍କିମ ସରକାରଙ୍କ ସହ ରାଜ୍ୟ ସରକାର ଯୋଗାଯୋଗରେ ରହିଛନ୍ତି।

ସୂଚନାଯୋଗ୍ୟ, ଗତକାଲି ରାତିରେ ୧୧ଜଣ ପର୍ଯ୍ୟଟକଙ୍କ ସହିତ ଏକ ଗାଡି ଗ୍ୟାଙ୍ଗଟକ୍ ଅଭିମୁଖେ ଯିବା ସମୟରେ ସିକ୍କିମ୍‌ର ଚୁଙ୍ଗ୍‌ଥାଙ୍ଗ୍-ମୁନ୍‌ସିଥାଙ୍ଗ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ନିଟ୍-ପିଜି

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ଦ୍ୱାରା ପରିଚାଳିତ ନିଟ୍-ପିଜି ପରୀକ୍ଷାକୁ ଗୋଟିଏ ସିଟିଂରେ କରିବା ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏକ ମାମଲାର ଶୁଣାଣି କରି ଦୁଇଟି ସିଟିଂରେ ହେଉଥିବା ପରୀକ୍ଷାକୁ ସୁପ୍ରିମ୍‌କୋର୍ଟ ତ୍ରୁଟିପୂର୍ଣ୍ଣ ଦର୍ଶାଇବା ସହ ଏନ୍‌ବିଟିର ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ସମାନ ପରିବେଶର ସୁଯୋଗ ମିଳିବା ଉଚିତ୍ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ମତ ପୋଷଣ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବ ନିର୍ଦ୍ଧାରିତ ଜୁନ୍ ମାସ ୧୫ ତାରିଖରେ ନିଟ୍ ପିଜି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ମୁଖ୍ୟମନ୍ତ୍ରୀ-ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ କଟକ-ଭୁବନେଶ୍ୱରରେ ବର୍ଷାଦିନେ ଉପୁଜୁଥିବା କୃତ୍ରିମ ଜଳବନ୍ଦୀ ସମସ୍ୟାର ସମାଧାନ ନେଇ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ଡ୍ରେନ୍ ଗୁଡ଼ିକର ସଫେଇ କାର୍ଯ୍ୟ ଆସନ୍ତା ୨୦ ତାରିଖ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଓଟିଇଟି

ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆସନ୍ତା ଜୁଲାଇ ମାସ ୨୦ ତାରିଖରେ ଅନୁଷ୍ଠିତ ହେବ । ପ୍ରଥମ ସିଟିଂ ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ସାଢ଼େ ୪ଟା ଯାଏଁ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ୱେବ୍‌ସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ।

## ବିଧାୟକଙ୍କ ପରଲୋକ

କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେପିର ପ୍ରଥମ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ୭୪ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ପରଲୋକ ଘଟିଛି। ସେ କାମାକ୍ଷା ନଗର

ନିର୍ବାଚନ ମଣ୍ଡଳୀରୁ ୧୯୭୭ ରୁ ୧୯୮୦ ମସିହାରେ ଜନତା ପାର୍ଟି, ୧୯୮୫ ରୁ ୧୯୯୦ ବିଜେପି ଓ ୧୯୯୦ ରୁ ୧୯୯୫ ଜନତା ଦଳରୁ ଶ୍ରୀ ପଟ୍ଟନାୟକ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ବରିଷ୍ଠ ରାଜନେତା ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶିକ୍ଷା, ସାମାଜିକ ସେବା ଏବଂ ରାଜନୈତିକ କ୍ଷେତ୍ରରେ ଶ୍ରୀ ପଟ୍ଟନାୟକଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ଦୁଃଖ ପ୍ରକାଶ କରି କହିଛନ୍ତି, କାମାକ୍ଷାନଗରର ବିକାଶରେ ଶ୍ରୀ ପଟ୍ଟନାୟକଙ୍କ ଯୋଗଦାନ ଅବିସ୍ମରଣୀୟ।

## ବନ୍ୟା ପ୍ରସ୍ତୁତି ବୈଠକ

ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ପାଇଁ ବନ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବନ୍ୟା ପରିଚାଳନା ପାଇଁ ବନ୍ୟା ନିୟନ୍ତ୍ରଣ କକ୍ଷଗୁଡ଼ିକ କାର୍ଯ୍ୟକ୍ଷମ କରିବା ତଥା ନଦୀବନ୍ଧ ଗୁଡ଼ିକର ଯାଞ୍ଚ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏଥିସହିତ ସମସ୍ତ ଡିଭିଜନ, ସର୍କଲ ଏବଂ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବନ୍ୟା ନିୟନ୍ତ୍ରଣ

କକ୍ଷଗୁଡ଼ିକ ଜୁନ୍ ପହିଲାରୁ ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ୨୪ ଘଣ୍ଟିଆ ଖୋଲାଯିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ନଦୀ ଜଳ ନିଷ୍କାସନ ପ୍ରଣାଳୀରେ ଥିବା ସମସ୍ତ ଅବରୋଧ ହଟାଇବା ପାଇଁ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଛି । ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଓ ସତର୍କତାର ସହ କାର୍ଯ୍ୟ କରିବାକୁ ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଷ୍ଟାଣ୍ଡିଂ କମିଟି ଦଳ

ଓଡ଼ିଶା ବିଧାନସଭାର ଷ୍ଟାଣ୍ଡିଂ କମିଟିର ୮ ଜଣିଆ ପ୍ରତିନିଧିଦଳ ଆଜି ସକାଳେ **କନ୍ଧମାଳ** ଜିଲ୍ଲା ଗସ୍ତ କରିଛନ୍ତି। କମିଟିର ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାରିଙ୍ଗ୍‌ବାଡିର କଫି ବଗିଚା ପରିଦର୍ଶନ କରିବା ସହିତ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଦାରିଙ୍ଗ୍‌ବାଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି।

## ବିପର୍ଯ୍ୟୟ ସମୀକ୍ଷା ବୈଠକ

ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା **ଗଞ୍ଜାମ** ଜିଲ୍ଲା ଗସ୍ତ କରି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ବୈଠକରେ ସମୀକ୍ଷା କରିଛନ୍ତି। ଛତ୍ରପୁରସ୍ଥିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀକକ୍ଷଠାରେ ଆୟୋଜିତ ସମୀକ୍ଷା

ବୈଠକରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଲୋକଙ୍କ ନିକଟରେ ସରକାରୀ ଯୋଜନାଗୁଡ଼ିକ ପହଞ୍ଚିପାରିଲେ ଜନସାଧାରଣ ଉପକୃତ ହେବା ସହ ସରକାରଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସ ଅତୁଟ ରହିବ। ଦକ୍ଷିଣ-ପଶ୍ଚିମ ମୌସୁମୀ ସମୟରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ବୈଠକରେ ଆଲୋଚନା କରାଯିବା ସହ ଜଳ ନିଷ୍କାସନ ସମ୍ପର୍କିତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ କର୍ମଶାଳା

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକ୍‌ର ନନ୍ଦୀଘୋର ଓ ଶିଖରପୁର ପଞ୍ଚାୟତର ୮ଟି ସ୍ଥାନର ମାଟି ଓ ପାଣି ପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିଖରପୁର ମିଶନଶକ୍ତି ହଲ୍‌ଠାରେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜିତ କର୍ମଶାଳାରେ ଡକ୍ଟର ଅପର୍ଣ୍ଣା ଶୀକାନ୍ତମ୍ ଏବଂ ଡକ୍ଟର କେ.ବି.ସ୍ମୃତି ପଲ୍ଲବୀ ଯୋଗଦେଇ କୁଷ୍ଠ ରୋଗର ଗବେଷଣାର ନୂତନ ଦିଗ ସମ୍ପର୍କରେ ଆଲୋଚନା କରିବା ସହିତ ଲୋକମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସମେତ ଆଶାକର୍ମୀ ଓ ଅଙ୍ଗନୱାଡ଼ୀକର୍ମୀ ଯୋଗ ଦେଇଥିଲେ।

## ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ

**ନୟାଗଡ଼** ଜିଲ୍ଲାରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ଶିକ୍ଷା, ପ୍ରଶିକ୍ଷଣ ଏବଂ ପୁନର୍ବାସ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ଶିକ୍ଷକ ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ ଜଣ ଶିକ୍ଷକ ଏଥିରେ ଯୋଗଦେଇଥିଲେ।

## ପାଠାଗାର ଉଦ୍‌ଘାଟନ

**ଭଦ୍ରକ** ଜିଲ୍ଲା ବନ୍ତ ଅନ୍ତର୍ଗତ ବଡ଼ ବର୍ଚିକଇଁଆ ଗ୍ରାମ ପାଠାଗାରକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉଦ୍‌ଘାଟନ କରିଛନ୍ତି। ପଠନର ଉପଯୋଗିତା ଏବଂ ଜୀବନ ପ୍ରତ୍ୟେକ ସେପାନରେ ପୁସ୍ତକ ବାସ୍ତବ ବନ୍ଧୁ ବୋଲି ଜିଲ୍ଲାପାଳ କହିଛନ୍ତି।

## ଶୀତଲଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରା ଅବସରରେ  ଝାଡୁଆପଡ଼ା, ମୁଦିପଡ଼ା ସହିତ ବଡ଼ବଜାର, ଠାକୁରପଡ଼ା ଏବଂ ଅନ୍ୟାନ୍ୟ ଯାତ୍ରା କମିଟିର ପତର ପେଣ୍ଡି ବା ନିର୍ବନ୍ଧ ସମ୍ପନ୍ନ ହୋଇଛି । ଏହି ଅବସରରେ ଝାଡୁଆପଡ଼ା ଲୋକନାଥ ବାବାଙ୍କ ଶୋଭାଯାତ୍ରା କନ୍ୟାପକ୍ଷ ସାକ୍ଷୀପଡ଼ାସ୍ଥିତ ରାଜସ୍ୱମନ୍ତ୍ରୀ

ସୁରେଶ ପୂଜାରୀଙ୍କ ଘରେ ପହଞ୍ଚିବା ପରେ ପରମ୍ପରା ଅନୁସାରେ ନିର୍ବନ୍ଧ ସଂପନ୍ନ ହୋଇଥିଲା ।

## ହିନ୍ଦୀ ସାମ୍ବାଦିକତା ଦିବସ

ହିନ୍ଦୀ ସାମ୍ବାଦିକତା କ୍ଷେତ୍ରରେ ପ୍ରଥମ ହିନ୍ଦୀ ଖବର କାଗଜ ଉଦନ୍ତ-ମାର୍ତ୍ତଣ୍ଡର ସ୍ମୃତିରକ୍ଷାରେ ପ୍ରତବର୍ଷ ଆଜିର ଦିନକୁ ଦେଶରେ ହିନ୍ଦୀ ସାମ୍ବାଦିକତା ଦିବସ ରୂପେ ପାଳନ କରାଯାଉଛି। ୧୮୨୬ ମସିହା ମଇ ମାସ ୩୦ ତାରିଖରେ ହିନ୍ଦୀ ଭାଷାରେ ପ୍ରଥମ ଖବରକାଗଜ ଉଦନ୍ତ-ମାର୍ତ୍ତଣ୍ଡ ପ୍ରକାଶ ପାଇଥିଲା। ପଣ୍ଡିତ ଯୁଗଳ କିଶୋର ଶୁକ୍ଳ ଏହାକୁ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବରେ ପ୍ରକାଶ କରିଥିଲେ। ଇଂରେଜ ଶାସନ ସମୟରେ ଏହି ଖବର କାଗଜ ଲୋକମାନଙ୍କର ସ୍ୱର ଉତ୍ତୋଳନ କରିବାର ଏକ ମାଧ୍ୟମ ଥିଲା।

ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ହିନ୍ଦୀ ସାମ୍ବାଦିକତା ଦିବସରେ ସମସ୍ତ ସାମ୍ବାଦିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ପ୍ରଧାନ କହିଛନ୍ତି, ହିନ୍ଦୀ ସାମ୍ବାଦିକତାର ଇତିହାସ ଅତ୍ୟନ୍ତ ଗୌରବମୟ ଓ ପ୍ରେରଣାଦାୟକ ରହିଛି। ଏହି ହେଉଛି ସେହି ମାଧ୍ୟମ ଯାହା ସମାଜରେ ସଚେତନତା ପ୍ରଚାର, ସଂଘର୍ଷଗୁଡ଼ିକୁ ଉଜାଗର କରିବା ଓ ଲୋକଙ୍କର ସ୍ୱରକୁ ଉଚ୍ଚ କରିବା କାମ କରିଛି। ହିନ୍ଦୀ ସାମ୍ବାଦିକତା ପ୍ରତ୍ୟେକ ଯୁଗରେ ସମାଜର

ସବୁଠାରୁ ସମ୍ବେଦନଶୀଳ ବିଷୟ ଉପରେ ଧ୍ୟାନ ଦେଇ ଏହାକୁ ଜାତୀୟ ଚର୍ଚ୍ଚାର ଅଂଶ ପାଲଟିଛି।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି। ଅବପାତ ଉତ୍ତର ଓ ଉତ୍ତରପୂର୍ବ ଦିଗରେ ଗତି କରୁଛି। ଆସନ୍ତା ୧୨ ଘଣ୍ଟା ମଧ୍ଯରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ପ୍ରଭାବରେ ଉତ୍ତର-ପୂର୍ବ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୦ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*********************************